## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି/ଏମ୍‌ଭି-୭୯, ୬।୧୦(ଡି.ଏନ୍.ଏ.):ମାଲକାନଗିରି ଜିଲା ମୋଟୁ ଥାନା ତଥା କାଲିମେଲା ବ୍ଲକ୍ ଅଧୀନ ଏମ୍‌ଭି ୧୨୮ ଗ୍ରାମ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଗ୍ରାମର ଅତପନ ହାଲ୍‌ଦାରଙ୍କ ପୁଅ ସାଧନ ହାଲ୍‌ଦାର(୨୦)। ସୂଚନା ଅନୁଯାୟୀ, ସାଧନ ଏମ୍‌ଭି-୮୮ ଗ୍ରାମରେ ଏକ ମେଡିକାଲ ଷ୍ଟୋରରେ କାମ କରୁଥିଲେ। ସେଠାରୁ ସେ କେଉଁଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜିପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ସକାଳେ ଗାଁ ନିକଟସ୍ଥ ଏକ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ଲୋକେ ଜାଣିବା ପରେ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରେମ ସମ୍ପର୍କକୁ ନେଇ ଏଭଳି ଘଟଣା ଘଟିଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ମୋଟୁ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। ୨୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

### ବଜ୍ରପାତରେ ମହିଳା ଗୁରୁତର

ବୈପାରୀଗୁଡା, ୬।୧୦(ଡି.ଏନ୍.ଏ.): ବୈପାରୀଗୁଡା ବ୍ଲକ ଦଣ୍ଡାବାଡି ପଞ୍ଚାୟତ ଜାମୁଗୁଡା ଗ୍ରାମରେ ବଜ୍ରପାତ ଘଟି ଏକ ଗାଈର ମୃତ୍ୟୁ ହୋଇଥିବାବେଳେ ଜଣେ ମହିଳା ଗୁରୁତର ଅଛନ୍ତି। ଗୁରୁତର ହେଲେ ସୁନୀତା ସାନ୍ତା। ତାଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ସୋମବାର ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଗାଁର କସାଇ ଗଲ୍ଲାରୀଙ୍କ ଗୋଟିଏ ଗାଈର ମୃତ୍ୟୁ ହୋଇଥିଲା। ସେହିଭଳି ଏଥିରେ ସୁନିତା ସାନ୍ତା ଏଥିରେ ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ରାମଗିରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଜୟପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନୀୟ ରାଜସ୍ୱ ନିରିକ୍ଷକ ବୀରେନ୍ଦ୍ର ନାଥ ମଣ୍ଡଳ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି।

### କୋରାପୁଟରୁ ୩୯ ପଜିଟିଭ

କୋରାପୁଟ,୬।୧୦(ସ୍ୱ.ପ୍ର.): କୋରାପୁଟ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ହ୍ରାସ ପାଉଛି। ମଙ୍ଗଳବାର ଜିଲାରୁ ୩୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଜୟପୁର, କୋରାପୁଟ, ସୁନାବେଡ଼ା ମ୍ୟୁନିସିପାଲିଟିରୁ ୪ ଜଣ ଲେଖାଏ ଚିହ୍ନଟ ହୋଇଥିଲେ। ସେହିଭଳି କୋଟପାଡ୍ ଏନ୍‌ଏସିରୁ ୨ ସଂକ୍ରମିତ ରହିଛନ୍ତି। ସେହିଭଳି କୋରାପୁଟ, ପଟ୍ଟାଙ୍ଗୀ ବ୍ଲକରୁ ୨ଜଣ ଲେଖାଏ, ବୈପାରିଗୁଡ଼ାରୁ ୪, ବୋରିଗୁମ୍ମା, କୁନ୍ଦୁରା ଓ ଲକ୍ଷ୍ମୀପୁରରୁ ୫ ଜଣ ଲେଖାଏ, ଜୟପୁର, କୋଟପାଡ୍ ବ୍ଲକରୁ ୧ଜଣ ଲେଖାଏ ସଂକ୍ରମିତ ରହିଛନ୍ତି।

### ସ୍ତ୍ରୀ, ନବଜାତ ଶିଶୁକୁ ଗ୍ରହଣ କଲାନି ସ୍ୱାମୀ

ପାପଡାହାଣ୍ଡି,୬।୧୦(ଡି.ଏନ୍.ଏ.): ପ୍ରସବ ପାଇଁ ବାପଘରକୁ ଯାଇଥିବା ବେଳେ ସ୍ୱାମୀ ଦ୍ୱିତୀୟ ବିବାହ କରିନେଲେ। ଏବେ ନବଜାତ ଶିଶୁ କନ୍ୟା ଓ ପ୍ରଥମ ସ୍ତ୍ରୀଙ୍କୁ ଗ୍ରହଣ କରୁ ନ ଥିବା ନେଇ ପୀଡିତା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ପାପଡାହାଣ୍ଡି ବ୍ଲକ ତୁମ୍ଭର୍ଲ୍ଲା ପଞ୍ଚାୟତ ରୋଜାମାଟୁ ରୂପଧର ଯାନୀ ନବରଙ୍ଗପୁର ସହରର ରୀନାଙ୍କୁ (୨୫) ୨୦୧୪ରେ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ରହିଛନ୍ତି। ରୀନା ପୁଣି ଥରେ ଗର୍ଭବତୀ ଥିଲେ। ଏହି ସମୟରେ ରୂପଧର ଦାଦନ ଖଟିବା ନିମନ୍ତେ ରାୟଗଡା ଯାଇଥିଲେ। ଘର ଚଳାଇବା ଅସୁବିଧା ହେବାରୁ ରୀନା ତାଙ୍କର ୨ ଶିଶୁପୁତ୍ରଙ୍କୁ ଶାଶୁ ଶ୍ୱଶୁରଙ୍କ ପାଖରେ ଛାଡିଦେଇ ବାପଘରକୁ ପ୍ରସବ ପାଇଁ ଯାଇଥିଲେ। ରୂପଧର ଘରକୁ ଫେରିବା ପରେ ରୀନାଙ୍କୁ ଫେରେଇ ଆଣିବା ନିମନ୍ତେ ତାଙ୍କ ବାପ ଘରକୁ ଯାଇଥିଲେ। ରୀନା କିନ୍ତୁ ସ୍ୱାମୀଙ୍କ ସହ ଫେରି ନ ଥିଲେ। ରୀନା ନ ଫେରିବାରୁ ରୂପଧର ଦ୍ୱିତୀୟ ବିବାହ କରିଥିଲେ। ପ୍ରସବ ପରେ ରୀନା ନିଜ ନବଜାତ ଶିଶୁକନ୍ୟାକୁ ନେଇ ଶାଶୁ ଘରକୁ ଆସିବାରୁ ରୂପଧର ତାଙ୍କୁ ଗ୍ରହଣ କରିଥିଲେ। ରୀନା ପାପଡାହାଣ୍ଡି ଥାନାର ଦ୍ୱାରସ୍ଥ ହୋଇ ରୂପଧରଙ୍କ ନାଁରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ୧୩୩/୨୦ରେ ମାମଲା ରୁଜୁ କରିବା ସହ ରୂପଧରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସବଇନ୍ସପେକ୍ଟର ପୂର୍ଣ୍ଣିମା ଟେଟେ ଏହାର ତଦନ୍ତ କରୁଛନ୍ତି ବୋଲି ଥାନାଧିକାରୀ ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ଧାରଣା, ବିକ୍ଷୋଭ

**କୋରାପୁଟ,୬।୧୦,(ସ୍ୱ.ପ୍ର.)**



ଅବିଭକ୍ତ କୋରାପୁଟ ଜିଲା ରେଲୱେ ଜମିହରା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ୪ ଦଫା ଦାବିରେ ଅବିଭକ୍ତ କୋରାପୁଟ ଜିଲା ରେଲୱେ ଜମି ହରା ସଂଘର ଧାରଣା
- ଗ୍ରୁପ୍ 'ଡି'ରେ ଜମିହରା ପରିବାର ପିଲାଙ୍କୁ ନିଯୁକ୍ତି ଦିଆଯାଉ
- ଦାବି ପୂରଣ ନ ହେଲେ ରେଲୱେ ଦୋହରୀକରଣ କାମ ବନ୍ଦ କରାଯିବ

ଅବିଭକ୍ତ କୋରାପୁଟ ଜିଲା ରେଲୱେ ଜମିହରା ସଂଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘ ସଭାପତି ଜଳଧର ଖିଲଙ୍କ ନେତୃତ୍ୱରେ କରାଯାଇଥିବା ଏହି ଧାରଣାରେ ଶତାଧିକ ଜମିହରା ଯୋଗଦେଇ ସେମାନଙ୍କ ଦାବି ସମ୍ପର୍କିତ ପ୍ଲା-କାର୍ଡମାନ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରେଳ ଧାରଣା ପାଇଁ ଚାଷ ଜମି ହରାଇଥିବା ଜମିହରାଙ୍କୁ ଠିକ୍ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଏବେ ପୁଣି କୋରାପୁଟ-ରାୟଗଡା, ବିଶାଖାପାଟଣା-କିରାଣ୍ଡୁଲ ରେଲୱେ ଲାଇନର ଦୋହରୀକରଣ କାମ ଚାଲିଛି। ଯଦି ସେମାନଙ୍କୁ କ୍ଷତିପୂରଣ ଦିଆ ନ ଯାଏ ଏହି କାମକୁ ବନ୍ଦ କରାଯିବ ବୋଲି ସଂଘ ସଭାପତି ଚେତାବନୀ ଦେଇଛନ୍ତି। ଏହାଛଡା ୱାଲ୍‌ଟିୟର ଡିଭିଜନରେ ଖାଲିଥିବା ଗ୍ରୁଫ ଡି ପଦବୀରେ ଜମିହରା ପରିବାରର ପିଲାମାନଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ସାପୁରା ହିକ୍‌କା, ସମ୍ପାଦକ ପଦନ ଗୌଡ଼ଙ୍କ ସମେତ ଶତାଧିକ ଜମିହରା ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ କୋରାପୁଟ ଟାଉନ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ବାର୍‌ହା ଶିକାର ଯୋଜନା କରୁଥିବା ୪ ଶିକାରୀ ଗିରଫ

**ଡାବୁଗାଁ, ୬।୧୦ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ମଇଦଲପୁର ସେକ୍ସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ଶିକାର କରିବାକୁ ଯାଇଥିବା ୪ ଜଣ ଶିକାରୀଙ୍କୁ ଡାବୁଗାଁ ବନ ବିଭାଗ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଉପରମୁଣ୍ଡା ଗ୍ରାମର ଉଦ୍ଧବ ଜାନି (୪୮), ସନୁ ଜାନି (୪୫), ସାନୁ ଜାନି (୫୨) ଓ ମଧୁ ଗୌଡ଼ (୩୫)। ଡାବୁଗାଁ ଡାକ୍ତରଖାନାରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଛି।


ଗିରଫ ଅଭିଯୁକ୍ତମାନେ।

ପ୍ରକାଶ ଯେ, ମଇଦଲପୁର ସେକ୍ସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲରେ ଅଭିଯୁକ୍ତମାନେ ସୋମବାର ରାତିରେ ବାର୍‌ହା ଶିକାର କରିବାକୁ ଯୋଜନା କରିଥିଲେ। ସେମାନେ ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ଜିଆଇ ତାର ବିଛାଇ ୧୧ କେ.ଭି. ବିଦ୍ୟୁତ୍ ଖୁଣ୍ଟିରୁ ବିଜୁଳି ସଂଯୋଗ କରିଥିଲେ। ଖବରପାଇ ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ସୁବ୍ରତ ବବାଲି, ରମାକାନ୍ତ ସାହୁ, ଉମାଶଙ୍କର ନାୟକ ଓ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ଜଗି ରହିଥିଲେ। ଭୋରରୁ ଅଭିଯୁକ୍ତମାନେ ତାର ଖୋଲିବା ସମୟରେ ପୂର୍ବରୁ ଲୁଚି ରହିଥିବା ବନ ବିଭାଗ କର୍ମଚାରୀ ସେମାନଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୭ କି.ଗ୍ରା. ୫୦୦ ଗ୍ରାମ ଜିଆଇ ତାର, ୮୦ଟି ଖୁଣ୍ଟ ଓ ୪ଟି ଟାଙ୍ଗିଆ ଜବତ କରାଯାଇଛି। ଏ ନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ୍ ନଂ ୧୫୨/୨୦୨୦ରେ ଏକ ମାମଲା ରୁଜୁ କରାଯାଇଛି।

## ଝିଅଘରକୁ ଯାଇ ଫେରିବା ବାଟରେ ବୃଦ୍ଧ ନିଖୋଜ

**ବୈପାରିଗୁଡ଼ା, ୬।୧୦(ଡି.ଏନ୍.ଏ.)**

ବୈପାରିଗୁଡ଼ା ଥାନା ତେନ୍ତୁଲିଗୁମ୍ମା ପଞ୍ଚାୟତ ଭେଜିନିଗୁଡା ଗ୍ରାମର ଜଣେ ବୃଦ୍ଧ ଝିଅଘରକୁ ଯାଇ ଫେରିବା ବାଟରେ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଲଇଖନ ପୂଜାରୀ(୭୦)। ପ୍ରକାଶ ଯେ, ଲଇଖନ ସ୍ତ୍ରୀଙ୍କ ସହ ଝିଅଘରକୁ ଯାଇ ଫେରୁଥିଲେ। ଭେଜିନିଗୁଡା ଘାଟରେ ଡଙ୍ଗାକୁ ଅପେକ୍ଷା କରିବା ବେଳେ ଲଇଖନ ଶୌଚ ହେବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସ୍ତ୍ରୀ ଡଙ୍ଗା ପାରହୋଇ ଘରକୁ ପଳାଇଥିଲେ। ଲଇଖନ କିନ୍ତୁ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଲଇଖନଙ୍କ ସନ୍ଧାନ ନ ମିଳିବାରୁ ପୁଅ ମାଧବ ବୈପାରିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ୧୫ ଦିନରେ ମରାମତି ନ ହେଲେ ରାସ୍ତା ଅବରୋଧ

**ଜୟପୁର, ୬।୧୦(ନି.ପ୍ର./ଡି.ଏନ୍.ଏ.)**

- ଜୟପୁର ଟ୍ରକ୍ ମାଲିକ ସଂଘର ଚେତାବନୀ
- ଜୟପୁର ଟାଉନ ଥାନାଧିକାରୀଙ୍କୁ ଦାବିପତ୍ର

ଜାତୀୟ ରାଜପଥ ୨୬ର ବାରିଣିପୁଟରୁ ବୋରିଗୁମ୍ମା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ତୁରନ୍ତ ନିର୍ମାଣ ପାଇ ଜୟପୁର ଟ୍ରକ୍ ମାଲିକ ସଂଘ ଦାବି କରିଛି। ୧୫ ଦିନ ମଧ୍ୟରେ ରାସ୍ତା ମରାମତି ନ ହେଲେ ସଂଘ ପକ୍ଷରୁ ରାସ୍ତା ଅବରୋଧ କରାଯିବ ବୋଲି ଚେନାବନୀ ଦିଆଯାଇଛି। ଏ ନେଇ ଜୟପୁର ଟ୍ରକ୍ ମାଲିକ ସଂଘ ମଙ୍ଗଳବାର ଟାଉନ ଥାନାଧିକାରୀ ବାଲେଶ୍ୱର ଗିଧିଙ୍କୁ ଏକ ଦାବିପତ୍ର ଦେଇଛି।

ବାରିଣିପୁଟରୁ ବୋରିଗୁମ୍ମା ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ଖାଲଖମା ଓ ଧୂଳିରେ ପରିପୂର୍ଣ୍ଣ। ଏହା ଫଳରେ ଅନେକ ଦୁର୍ଘଟଣା ଘଟୁଛି। ଏହା ସହ ରୋଗୀମାନଙ୍କୁ ଆମ୍ବୁଲାନ୍ସ ମଧ ଠିକ୍ ସମୟରେ ପହଞ୍ଚି ପାରୁନାହିଁ। ରାସ୍ତାରେ ହିଁ ରୋଗୀମାନେ ପ୍ରାଣ ହରାଉଛନ୍ତି। ବର୍ଷାଦିନରେ ଖାଲଖମାରେ ପାଣି ଭର୍ତ୍ତି ହୋଇ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। କରୋନା ପାଇଁ ଟ୍ରକ୍ ମାଲିକମାନେ ୬ ମାସ ହେବ କାମ ହରାଇଥିବାବେଳେ ଏବେ ଟ୍ରକ୍‌ର ଯନ୍ତ୍ରପାତି ନଷ୍ଟ ହୋଇଯାଇଛି। ରାସ୍ତାରେ ଟ୍ରକ୍ ଚଳାଚଳ କରିବା ସମୟରେ ରାସ୍ତା ଖରାପ ହୋଇଛି। ଫଳରେ ମାଲିକମାନେ ବହୁତ କ୍ଷତି ସହୁଛନ୍ତି। ଏହି ରାସ୍ତା ପାଇଁ ବିଭିନ୍ନ ରାଜନୈତିକ ଦଳ, ଜିଲା ଓକିଲ ସଂଘ ସ୍ୱର ଉତ୍ତୋଳନ କରିବା ସତ୍ତ୍ୱେ କିଛି ସୁଫଳ ମିଳୁନି। ତେଣୁ ୧୫ ଦିନ ଭିତରେ ରାସ୍ତା ନିର୍ମାଣ ନ ହେଲେ ଜୟପୁର ଟ୍ରକ୍ ମାଲିକ ସଂଘ ଗଣତାନ୍ତ୍ରିକ ଉପାୟରେ ଜାତୀୟ ରାଜପଥରେ ଗାଡି ରଖି ରାସ୍ତା ଅବରୋଧ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ରାସ୍ତା ତୁରନ୍ତ ମରାମତି କରାଯାଉ ବୋଲି ଦାବି କରାଯାଇଛି। ସଂଘ ସଭାପତି ବାବୁଲା କୁମାର ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ।


ଦାବିପତ୍ର ଦେବାକୁ ଆସିଥିବା ଟ୍ରକ୍ ମାଲିକ ସଂଘ ସଦସ୍ୟମାନେ।

# ସତୀ ଡ୍ୟାମ୍ ଖାଲି, ପାନୀୟ ଜଳ ଯୋଗାଣରେ ସମସ୍ୟା

**ଜୟପୁର, ୬।୧୦(ଡି.ଏନ.ଏ.)**

କୋରାପୁଟ ଜିଲା କୋଲାବ ବହୁମୁଖୀ ଜଳବିଦ୍ୟୁତ୍ ପ୍ରକଳ୍ପର ଜୟପୁର ସହର ଉପକଣ୍ଠରେ ଥିବା ସତୀ ଜଳଭଣ୍ଡାର ମଙ୍ଗଳବାର ପୂର୍ବାହ୍ନରେ ଜଳଶୂନ୍ୟ ହୋଇଯାଇଥିଲା। ଫଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜୟପୁର ସହରକୁ ପାନୀୟ ଜଳ ଯୋଗାଣରେ ସମସ୍ୟା ଦେଖାଦେଇଥିଲା। କେଉଁ କାରଣରୁ ଜଳଭଣ୍ଡାରେ ପାଣି ଶୂନ୍ୟ ହେଲା ସେ ନେଇ ବିଦ୍ୟୁତ୍ ଉତ୍ପାଦନ କରୁଥିବା ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ଏବଂ କୋଲାବ ଇରିଗେଶନ ପକ୍ଷରୁ ଭିନ୍ନ ଭିନ୍ନ ମତ ଦିଆଯାଇଛି। ଉଭୟ ବିଭାଗ ପରସ୍ପରକୁ ଦୋଷ ଦେଉଥିବାରୁ ଏହାର କାରଣ ଅସ୍ପଷ୍ଟ ରହିଛି। ମଙ୍ଗଳବାର ୪ ଘଣ୍ଟା ଜଳଭଣ୍ଡାର ଖାଲି ରହିଥିଲା। ଏହାପରେ ଓଏଚ୍‌ପିସି ଏବଂ ଇରିଗେସନ ଅଧିକାରୀମାନେ ଆଲୋଚନା ପରେ ଜଳଭଣ୍ଡାରରେ ପାଣିପୂର୍ଣ୍ଣ ହେବାକୁ ଲାଗିଛି। ବୁଧବାରଠାରୁ ସହରକୁ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଜୟପୁର, କୋଟପାଡ୍ ବ୍ଲକର ଚାଷଜମିକୁ ପାଣି ଯୋଗାଣରେ ଅଭାବ ଦେଖାଦେଇଥିଲା। କିନ୍ତୁ ଏଥିରେ ମଧ କୌଣସି ସମସ୍ୟା ରହିବ ନାହିଁ ବୋଲି ଇରିଗେଶନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

କୋଲାବ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ମୁଖ୍ୟ ଡ୍ୟାମ୍‌କୁ ଟନେଲ ମାଧ୍ୟମରେ ଜଳ ପ୍ରବେଶ କରିବା ସହିତ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏହାର ଦାୟିତ୍ୱ ଓଏଚ୍‌ପିସିର। ଅନ୍ୟପକ୍ଷରେ ଉଦ୍‌ବୃତ୍ତ ଜଳକୁ ସତୀଗୁଡା ଡ୍ୟାମ୍‌ରେ ଗଚ୍ଛିତ ରଖାଯାଇ କେନାଲ ମାଧ୍ୟମରେ ଜୟପୁର ଉପଖଣ୍ଡର ୪ଟି ବ୍ଲକର ଚାଷ ଜମିକୁ ଇରିଗେସନ ବିଭାଗ ପକ୍ଷରୁ ଜଳ ଯୋଗାଣ କରାଯାଇଥାଏ। ଜୟପୁର ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଇବା ଜଳ ଯୋଗାଣ ହୋଇଥାଏ। କିନ୍ତୁ ଓଏଚ୍‌ପିସିର ବିଦ୍ୟୁତ୍ କମ୍ ମାତ୍ରାରେ ଉତ୍ପାଦନ ଏବଂ ଟର୍ବାଇନ ମରାମତି ଯୋଗୁ ସତୀଗୁଡା ଡ୍ୟାମ୍‌କୁ ସ୍ୱଳ୍ପମାତ୍ରାରେ ଜଳ ପ୍ରବେଶ କରିବାରୁ ଏଭଳି ସମସ୍ୟା ହୋଇଥିଲା ବୋଲି ଇରିଗେଶନ ନିର୍ବାହୀ ଯନ୍ତ୍ରୀ ଶରତ ସାହୁ କହିଛନ୍ତି। ଓଏଚ୍‌ପିସି ବରିଷ୍ଠ ସାଧାରଣ ପ୍ରଶାସକ ଦାୟିତ୍ୱରେ ଥିବା ନୀଳାଞ୍ଚଳ ମେହେର କହିଛନ୍ତି ଯେ, ଗତ ରବିବାର ରାତିରୁ ଆତ୍ମହତ୍ୟା କରିଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ପାଇଁ ଇରିଗେଶନ ବିଭାଗ ପକ୍ଷରୁ କେନାଲକୁ ପାଣି ଛାଡିବା ବନ୍ଦ କରାଯାଇଥିଲା। କିନ୍ତୁ ସୋମବାର ସନ୍ଧ୍ୟାରୁ କେନାଲକୁ ଅତ୍ୟଧିକ ଜଳଯୋଗାଣ କରାଯାଇଥିଲା। ଫଳରେ ଜଳସ୍ତର କମିଯାଇଥିଲା। ତେଣୁ ମଙ୍ଗଳବାର ପୂର୍ବାହ୍ନରେ ସହରକୁ ପିଇବା ଜଳ ଯୋଗାଣରେ ସମସ୍ୟା ଦେଖାଦେଇଥିଲା ବୋଲି ସେ କହିଛନ୍ତି।


ସତୀ ଡ୍ୟାମ୍।

# ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ବଣ୍ଟନରେ ସମସ୍ୟା

**ନବରଙ୍ଗପୁର,୬।୧୦(ବି.ପ୍ର.)**

### ଦରଦାମ୍ ବୃଦ୍ଧି

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଜିଲା ଅଙ୍ଗନୱାଡି ସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟରେ କରାଯାଇଛି। ବୈଠକରେ ଅଙ୍ଗନୱାଡି ସଂଘ ଓ କର୍ମୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବିଭିନ୍ନ ଜିନିଷର ଦରଦାମ ବୃଦ୍ଧି ଯୋଗୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ଟିଏଚ୍‌ଆର୍, ଅଣ୍ଡା ଓ ଶିଶୁଙ୍କୁ ପ୍ରାକ୍ ବିଦ୍ୟାଳୟର ଜଳଖିଆ, ଶୁଖିଲା ଏବଂ ଗରମ ରନ୍ଧା ଖାଦ୍ୟ ବଣ୍ଟନରେ ସମସ୍ୟା ଦେଖାଦେଉଛି। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। କୋଭିଡ୍ ଡ୍ୟୁଟିରେ ନିୟୋଜିତ ହୋଇଥିବା ଅଙ୍ଗନୱାଡି କର୍ମୀଙ୍କୁ ମାସ୍କ, ଗ୍ଲୋଭ୍ସ, ସାନିଟାଇଜର ଆଦି ପ୍ରଦାନ କରିବାକୁ ବୈଠକରେ ଆଲୋଚନା କରାଯାଇଛି। ସଂଘର ଜିଲା ସଭାନେତ୍ରୀ ଭାଗ୍ୟବତୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାନେତ୍ରୀ ସବିତା ନାୟକ, ଜିଲା ସାଧାରଣ ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧ୍ୟକ୍ଷା ମମତା ବ୍ରହ୍ମା, ଉପସଭାନେତ୍ରୀ ଶୁଭାଷିତା ପାତ୍ର, ଉମା ନାୟକ, ଅନୁପମା ମାଝି ପ୍ରମୁଖ ଯୋଗଦେଇଥିଲେ। ବୈଠକ ପରେ ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଏକ ଦାବିପତ୍ର ସଂଘ ପକ୍ଷରୁ ଦିଆଯାଇଥିଲା।

# ମାସେ ହେଲା ଅନ୍ଧାରରେ ଗିଟିଗୁଡ଼ା ଗ୍ରାମବାସୀ

**ଝରିଗାଁ, ୬।୧୦(ସ୍ୱ.ପ୍ର.)**

ମାସେ ହେଲାଣି ଗାଁରେ ବିଦ୍ୟୁତ୍ ନାହିଁ। ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ କେହି ଶୁଣୁନାହାନ୍ତି। ଏଭଳି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ପଞ୍ଚାୟତ ଗିଟିଗୁଡ଼ା ଗ୍ରାମବାସୀ। ମାସେ ହେଲାଣି ଗ୍ରାମବାସୀ ଅନ୍ଧାରରେ ରହୁଥିବା ନେଇ ସେମାନେ ଜଣାଇଛନ୍ତି।

ପ୍ରକାଶ ଯେ, ଗାଁର ୧୭ ଜଣ ପରିବାର ରୁହନ୍ତି। ତାହା ମଧ୍ୟରୁ ୧୪ ପରିବାରକୁ ଚଳିତ ବର୍ଷ ଫେବୃୟାରୀରେ ସରକାରଙ୍କ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ ବିଜୁଳି ଯୋଗାଇ ଦିଆଯାଇଥିଲା। କିନ୍ତୁ ମାସେ ହେବ ଗାଁରେ ଲାଗିଥିବା ୨୫ କେ.ଭି. ଟ୍ରାନ୍ସଫର୍ମର ଅଚଳ ହୋଇଯାଇଅଛି। ଏନେଇ ଝରିଗାଁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ ସମାଧାନ ହୋଇ ନ ଥିବା ଗ୍ରାମର ସୁବାସ ପାଙ୍ଗୀ, ଜିମୁ ସାନ୍ତା, ପାକ କମାର, ଜିମୁ ସାନ୍ତା, ସିତ୍ରା ସାନ୍ତା, ବାଲମି ସାନ୍ତା, ମଳିତା ବିନ୍ଧାଣି ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଏସ୍‌ଡିଓ ସୁଶାନ୍ତ ସେନାପତିଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ଅବଗତ ନ ଥିଲି। ଖରାପ ହୋଇଥିବା ଟ୍ରାନ୍ସଫର୍ମର ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି। ଟ୍ରାନ୍ସଫର୍ମର ମରାମତି ହେବା ପରେ ବକେୟା ବିଲ୍‌କୁ ପୈଠ କରିବା ପ୍ରତି ଗୁରୁତ୍ୱ ଦେବାକୁ ସେ କହିଥିଲେ।

# ଭାରିଯାନ ନିଷେଧ ବୋର୍ଡ ଲଗାଇଲା ଗ୍ରାମ୍ୟ ଉନ୍ନୟନ ବିଭାଗ

**ଚନ୍ଦାହାଣ୍ଡି, ୬।୧୦(ଡି.ଏନ୍.ଏ.)**




ଚନ୍ଦାହାଣ୍ଡି ହନୁମାନ ଛକ ଏବଂ ସାଲେଭଟା ଛକ ରାସ୍ତାରେ ଭାରିଯାନ ଚଳାଚଳ ନିଷେଧ କରାଯାଇଛି। ପ୍ରଶାସନ ଏଠାରେ ଏକ ବୋର୍ଡ ଲଗାଇଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରକାଶ ଯେ ଚନ୍ଦାହାଣ୍ଡି ହନୁମାନ ଛକରୁ ସାଲେଭଟା ଛକ ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବାରମ୍ବାର ମରାମତି କଲେ ମଧ କିଛିଦିନ ଭିତରେ ରାସ୍ତା ଖରାପ ହୋଇପଡୁଥିଲା। ଏହା ଦ୍ୱାରା ନାହାନମୁଣ୍ଡା, ପୂଜାରୀଗୁଡା, ସାଲେଭଟା ଲୋକଙ୍କୁ ବିଶେଷ ଅସୁବିଧା ହେଉଥିଲ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି।

ଚନ୍ଦାହାଣ୍ଡି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଉକ୍ତ ରାସ୍ତାରେ ଭାରିଜାନ ଚଳାଚଳକୁ ନିଷେଧ କରାଯାଇଛି। ଏସ୍‌ଡିଓ ଦିନେଶ ସାହ ଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ ଏକ ବୋର୍ଡ ଲଗାଯାଇଛି। ସହ ଚନ୍ଦାହାଣ୍ଡି ଥାନା ପୋଲିସ ମଧ ଏକ ବୋର୍ଡ ଲଗାଇଛି। ଫଳରେ ସମସ୍ତ ମାଲବାହୀ ଭାରିଯାନ ସରଧାପୁର ଝରାହାଲ ଦେଇ ପ୍ରଶେ କରିଛି। ଭାରିଜାନ ଚଳାଚଳ ଯୋଗୁ ଖରାପ ହୋଇଥିବା ରାସ୍ତାକୁ ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

BANK JOB
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ ।
Salary : 8000/- To 14000/-
9178912298, 8895725158

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact: 9337286709, 7653067426

VACANCY
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

## ବିଜ୍ଞାପନ

No.D-72:-

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ଭାମିନୀ, ରାୟଗଡ଼ା**

ନାମ- ସତ୍ୟରଞ୍ଜନ ଛତ୍ରିଆ
କନଷ୍ଟେବଲ ନଂ.-୫୭୮
ପିତା- ଜଗଦୀଶ ଛତ୍ରିଆ
ଗ୍ରାମ- ମୁଖିଗୁଡ଼ା
ପୋ.- ମୁଖିଗୁଡ଼ା
ଥାନା- ଜୟପାଟଣା
ଜିଲ୍ଲା- କଳାହାଣ୍ଡି

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୭।୦୩।୨୦୨୦ରିଖ ଅପରାହ୍ଣଠାରୁ ତା୨୩।୦୩।୨୦୨୦ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୪।୦୩।୨୦୨୦ରିଖ ପୂର୍ବାହ୍ଣରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR-12029/11/0015/2021

## ସଂକ୍ଷେପରେ

### କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୬।୧୦(ବ୍ୟୁରୋ):ବାଲେଶ୍ୱର ପୂର୍ବତନ ଏମ୍‌ପି ତଥା ଭୋଗରାଇର ପୂର୍ବତନ ବିଧାୟକ, ସୁଲେଖକ କାର୍ତ୍ତିକେଶ୍ୱର ପାତ୍ରଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି, ପାତ୍ରଙ୍କ ଦେହାନ୍ତ ବିଷୟ ଜାଣି ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ନେତୃବୃନ୍ଦ ସ୍ୱର୍ଗତ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି।

### ଭାଜପାର ୨ ନଗର ମଣ୍ଡଳ ସଭାପତି ଚୟନ

ରାୟଗଡ଼ା ଅଫିସ/ଗୁଣପୁର, ୬।୧୦ (ଡି.ଏନ୍.ଏ.): ଭାଜପା ରାଜ୍ୟ ସଙ୍ଗଠନ ସମ୍ପାଦକଙ୍କ ଅନୁମୋଦନ କ୍ରମେ ରାୟଗଡ଼ା ଜିଲାର ୨ ନଗର ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ରାୟଗଡ଼ା ନଗର ମଣ୍ଡଳ ସଭାପତି ଭାବେ ଶ୍ୟାମସୁନ୍ଦର ଦାସଙ୍କୁ ଚୟନ କରାଯାଇଥିବାବେଳେ ଗୁଣପୁର ନଗର ମଣ୍ଡଳ ସଭାପତି ରୂପେ ଶ୍ରୀନିବାସ ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଛି। ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ମଙ୍ଗଳବାର ନାମ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଗୁଣପୁର ନଗର ମଣ୍ଡଳ ସଭାପତି ପାଇଁ ୩ ଜଣ ଦାବିଦାର ରହିଥିଲେ। ତେଣୁ କିଏ ସଭାପତି ହେବ ଘୋଷଣାକୁ ଅପେକ୍ଷା ରହିଥିଲା। ଶ୍ରୀନିବାସଙ୍କୁ ସଭାପତି ଘୋଷଣା କରାଯିବା ପରେ ଦଳ ପକ୍ଷରୁ ୱାଇ. ଗଣପତି, ତ୍ରିନାଥ ପଣ୍ଡା, ଫାଲଗୁନି ଶବର, ବିଦ୍ୟାଧର ଶବର, ଭଗବାନ ବେହେରା, ପୃଥ୍ୱୀରାଜ ପାଢ଼ୀ ସ୍ୱାଗତ ଜଣାଇଛନ୍ତି।

### ମାଲକାନଗିରିରୁ ୩୨ ନୂଆ ପଜିଟିଭ

ମାଲକାନଗିରି,୬।୧୦(ଡି.ଏନ୍.ଏ.): ମାଲକାନଗିରି ଜିଲାରୁ ମଙ୍ଗଳବାର ୩୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୧୧ଜଣ, ବାଲିମେଲା ଏନ୍ଏସି ଅଞ୍ଚଳରୁ ୨, ମାଥିଲିରୁ ୩, ମାଲକାନଗିରିରୁ ୨, କୋରୁକୋଣ୍ଡାରୁ ୩, ପଡ଼ିଆରୁ ୩, କାଲିମେଳାରୁ ୪, ଖଇରପୁଟରୁ ୨, ଚିତ୍ରକୋଣ୍ଡାରୁ ୨ ଜଣ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୯୧୪ରେ ପହଞ୍ଚିଛି। ଏହାମଧ୍ୟରୁ ୩୪୪୪ ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ୧୨ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୪୫୮ ସଂକ୍ରମିତ ଚିକିତ୍ସିତ ଥିବା ଜିଲାପାଳ ମନିଷ୍ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ରାୟଗଡ଼ାରେ କମୁଛି ସଂକ୍ରମଣ

ରାୟଗଡ଼ା ଅଫିସ,୬।୧୦: ଦୀର୍ଘ ଦିନ ଧରି ରାୟଗଡ଼ା ଜିଲାରେ କରୋନା ପଜିଟିଭ ସଂଖ୍ୟା ୩ ଅଙ୍କରୁ ଖସୁ ନ ଥିବାବେଳେ ଗତ କିଛିଦିନ ହେଲା ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଜିଲାରୁ ମଙ୍ଗଳବାର ୧୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଜିଲାର କାଶୀପୁର ବ୍ଲକ୍‌ରୁ ୩ଜଣ, ମୁନିଗୁଡ଼ାରୁ ୩, ଗୁଣୁପୁର ସହରାଞ୍ଚଳରୁ ୨,ରାୟଗଡ଼ା ସହରାଞ୍ଚଳରୁ ୨ ଏବଂ ବିଷମକଟକରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୬୫୮କୁ ବୃଦ୍ଧିପାଇଛି। ସେଥିମଧ୍ୟରୁ ୭୩୩୪ ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ଜିଲାରେ ୩୯ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଏବେ ଜଲାରେ ଆଉ ୨୮୫ ସକ୍ରିୟ ସଂକ୍ରମିତ ରହିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସଂକ୍ରମିତଙ୍କ ସଂଖ୍ୟା କମିବାକୁ ନେଇ ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ଜିଲାରେ ଅଧିକରୁ ଅଧିକ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ଏହାଦ୍ୱାରା ସଂକ୍ରମିତଙ୍କୁ ଶୀଘ୍ର ଚିହ୍ନଟ କରିବା ସହଜ ହେଉଛି। ସେହିପରି କଣ୍ଟାକ୍ଟ ଟ୍ରେସିଂକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ତେଣୁ ଧିରେ ଧିରେ ପଜିଟିଭ ସଂଖ୍ୟା କମିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

# ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ହଡ଼ପ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ବିଭାଗ ଏବଂ ସରକାରୀ ଉଦ୍ୟୋଗଗୁଡ଼ିକରେ ଥିବା କେତେଜଣ ଅଧିକାରୀ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହ ସରକାରୀ ଅର୍ଥକୁ ହଡ଼ପ କରିବାକୁ ପଛାଉ ନାହାନ୍ତି। ଏଥିଯୋଗୁ ବିକାଶମୂଳକ କାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହେବା ସହିତ ରାଜକୋଷରୁ ବହୁ ଅର୍ଥ ବାଟମାରଣା ହେଉଛି। ଏପରି କି ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ଅର୍ଥ ଏବଂ ଭତ୍ତାକୁ ମଧ୍ୟ ହଡ଼ପ କରାଯାଉଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ ଏଭଳି ତଥ୍ୟ ପଦାକୁ ଆସିଛି।

ମଙ୍ଗଳବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ସାଧାରଣ ଓ ସାମାଜିକ କ୍ଷେତ୍ର ଉଦ୍ୟୋଗ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଅନୁକମ୍ପା ଦେଖାଇ ୨.୩୨ କୋଟି ଟଙ୍କାର ଲାଇସେନ୍ସ ଫି' ବେଆଇନ ଭାବେ ପ୍ରଦାନ କରିଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସରକାରୀ ଅର୍ଥ ଆତ୍ମସାତ, ବାର୍ଦ୍ଧକ୍ୟଭତ୍ତା ହଡ଼ପ ଭଳି ସଙ୍ଗିନ ତଥ୍ୟ ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏପରି କି ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ହଡ଼ପ କରାଯାଇଛି। ୯ଟି ପଞ୍ଚାୟତ ସମିତିର ୧୯ଟି ଗ୍ରାମପଞ୍ଚାୟତରେ ୭୨ଟି ଗ୍ରାମରେ ମୃତକଙ୍କ ନାମରେ ଭତ୍ତା ବଣ୍ଟନ କରାଯାଇଛି।

୧୦ଟି ଜିଲାର ୮୯ଟି ବ୍ଲକର ବିକାଶ କରିବା ଲାଗି ଡବ୍ଲ୍ୟୁଓଡିସି ଗଠନ କରାଯାଇଥିଲା। ରାଜ୍ୟ ସରକାର ଏହି ସଂସ୍ଥାର ଦାୟିତ୍ୱ ୨୬ ଜଣିଆ ସଦସ୍ୟଙ୍କ ଉପରେ ନ୍ୟସ୍ତ କରିଛନ୍ତି। ତେବେ ବିକାଶ ପରିବର୍ତ୍ତେ ଏହି ସଂସ୍ଥା ଅନିୟମିତତାରେ ଉବୁଟୁବୁ ହେଉଛି। ଜଳସେଚନ ପ୍ରକଳ୍ପକୁ ଅଗ୍ରାଧିକାର ଦିଆ ନ ଯାଇ ଅନ୍ୟ ପ୍ରକଳ୍ପ ପାଇଁ ଡବ୍ଲ୍ୟୁଓଡିସି ଅର୍ଥ ଅଯଥାରେ ବ୍ୟୟ କରାଯାଇଛି। ୨୦୧୫ରୁ ୨୦୧୮ ମଧ୍ୟରେ ରାଉରକେଲା ମହାନଗର ନିଗମକୁ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବାକୁ ୩.୦୩ କୋଟି ଟଙ୍କା ଦିଆଯାଇଥିବା ବେଳେ ସେହି ଅର୍ଥ ସ୍ମାର୍ଟ ସିଟି ପାଇଁ ଖର୍ଚ୍ଚ ହୋଇଛି । ୨୦୧୮ସୁଦ୍ଧା ୨୬୯୦ ପ୍ରକଳ୍ପର କୌଣସି ଅଡିଟ୍ ଡବ୍ଲ୍ୟୁଓଡିସି ଦ୍ୱାରା କରାଯାଇ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ୨୦୦୪ରୁ ୨୦୧୮ ମଧ୍ୟରେ ଡବ୍ଲ୍ୟୁଓଡିସି ୨୭,୯୧୦ ପ୍ରକଳ୍ପରୁ ୧୦୦୯ ପ୍ରକଳ୍ପ ପାଇଁ ୬୧.୧୫ କୋଟି ଟଙ୍କା ବେଆଇନ ଭାବେ ଆବଣ୍ଟନ କରିଥିବା ରିପୋର୍ଟରେ କୁହାଯାଇଛି। କେବଳ ଡବ୍ଲ୍ୟୁଓଡିସି ନୁହେଁ ବିଭିନ୍ନ ବିଭାଗର କାର୍ଯ୍ୟ ବିଳମ୍ବ ଯୋଗୁ ରାଜ୍ୟକୁ ବହୁ କ୍ଷତି ସହିବାକୁ ପଡିଛି। ରାଜ୍ୟର ୪ଟି ସ୍ଥାନରେ ସୌର ପ୍ରକଳ୍ପ ସ୍ଥାପନ କରିବାକୁ କେନ୍ଦ୍ର ସରକାର ୩୮.୧୦ କୋଟି ପ୍ରଦାନ କରିଥିଲେ। ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ସେହି ଅର୍ଥ ୩ ବର୍ଷ ଯାଏ ବିନିଯୋଗ ନ ହୋଇ ପଡି ରହିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କ ଠାରୁ ୯ କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଥିଲା। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ବ୍ୟାଙ୍କ ଖାତା ସହିତ କ୍ୟାଶ ବହିର ମେଳ କରାଗଲାବେଳେ ୧.୦୩ କୋଟି ଟଙ୍କା ଆତ୍ମସାତ ହୋଇଥିବା ସିଏଜି ରିପୋର୍ଟରେ କହିଛନ୍ତି। ୯ଟି ପଞ୍ଚାୟତ ସିମିତି ଅଧୀନ ୭୨ଟି ଗ୍ରାମର ୧୫୦ ଜଣ ମୃତ ହିତାଧିକାରୀଙ୍କ ନାମରେ ୨.୭୯ ଲକ୍ଷ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ୍ କରାଯାଇଥିବା ରିପୋର୍ଟରେ କୁହାଯାଇଛି।

**ସିଏଜି ରିପୋର୍ଟ**
- ଡବ୍ଲ୍ୟୁଡିସିରେ ହେଉଛି ବ୍ୟାପକ ଅନିୟମିତତା

# ମାଲାମାଉଡିରେ ହେଉଛି ଟ୍ରାଫିକ ଜାମ୍


୨୬ନଂ. ଜାତୀୟ ରାଜପଥରେ ଅଟକି ରହିଥିବା ଗାଡ଼ି।

ପଟ୍ଟାଙ୍ଗି,୬।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ଆନ୍ଧ୍ର ସୀମାନ୍ତ ମାଲାମାଉଡି ଏବେ ଯାତ୍ରୀ ଓ ଗାଡ଼ିଚାଳକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ବ୍ଲକ ଦେଇ ଦୁଇ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼କୁ ୨୬ନଂ. ଜାତୀୟ ରାଜପଥ ସଂଯୋଗ ହୋଇଛି। ରାଜପଥର ହନୁମାନ ମନ୍ଦିର ନିକଟସ୍ଥ ମାଲାମାଉଡି ଗ୍ରାମ ନିକଟରେ ଥିବା ପାହାଡ଼ରୁ ବର୍ଷାପାଣି ଗଡିଆସୁଥିବାରୁ ମାଟି ଅତଡ଼ା ଖସି ଜାତୀୟ ରାଜପଥ ଉପରେ ଜମାହୋଇ ରହୁଛି। ଫଳରେ ଉକ୍ତ ସ୍ଥାନରେ ଗାଡ଼ିମୋଟର ଚଳାଚଳରେ ବାଧା ସୃଷ୍ଟି ହେଉଛି। ଉଭୟ ପାର୍ଶ୍ୱରେ ଭାରିଯାନଠାରୁ ଆରମ୍ଭକରି ଅନେକ ଗାଡ଼ିମୋଟର ଅଟକି ରହୁଛି। ଏ ଦିଗରେ ଆନ୍ଧ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରି ସ୍ଥଳେ କୋରାପୁଟ ଜିଲା ପ୍ରଶାସନ ଏହି ସମସ୍ୟା ସମ୍ପର୍କରେ ଅବଗତ ଥିଲେ ମଧ୍ୟ ଏହା ଆନ୍ଧ୍ର ରାଜ୍ୟ ସୀମା ଭିତରେ ହେଉଛି। ଆମେ କୌଣସି ହସ୍ତକ୍ଷେପ କରିପାରିବୁ ନାହିଁ ବୋଲି କହୁଛନ୍ତି । ରବିବାର ବିଳମ୍ବିତ ରାତିରୁ ସୋମବାର ଭୋର ଯାଏ ଏଠାରେ ଗାଡିମୋଟର ଅଟକି ରହି ଯାତ୍ରୀ ନାହିଁ ନ ଥିବା ହଇରାଣ ହୋଇଥିଲେ। ପାସପେଣ୍ଡା ପୋଲିସ ପହଞ୍ଚି ଅଟକି ରହିଥିବା ଗାଡ଼ିଗୁଡିକୁ ନିୟନ୍ତ୍ରଣ କରି ଛାଡିଥିଲେ।

**ଆନ୍ଧ୍ର ସରକାର ନେଉନାହାନ୍ତି ପଦକ୍ଷେପ**

## ଗଛ ଉପୁଡ଼ି ଯାତାୟାତ ବାଧାପ୍ରାପ୍ତ


ରାସ୍ତାଉପରେ ପଡ଼ିଥିବା ବିରାଟ ଗଛକୁ ହଟାଇବାକୁ ଲୋକେ ଉଦ୍ୟମ କରୁଛନ୍ତି।

ଗୁଣପୁର,୬।୧୦(ଡି.ଏନ୍.ଏ.)

ଲଘୁଚାପ ଜନିତ ବର୍ଷାରେ ମଙ୍ଗଳବାର ରାୟଗଡ଼ା ଜିଲା ମୁକନ୍ଦପୁର ଘାଟି ରାସ୍ତାରେ ଏକ ଗଛ ଉପୁଡ଼ି ପଡ଼ିଥିଲା। ଏଥିରେ କାହାର କୌଣସି କ୍ଷତି ଘଟି ନ ଥିଲେ ମଧ୍ୟ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗଛକୁ ହଟାଇ ରାସ୍ତା ସଫା କରାଯିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଦୁଇ ଦିନ ଧରି ଜିଲାରେ ବର୍ଷା ଲାଗିରହିଥିଲା। ଫଳରେ ଏକ ବିରାଟ ଗଛ ଉପଡ଼ିପଡ଼ିଥିଲା। ଲୋକେ ଗଛଟିକୁ ହଟାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ କୋଲନରା ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ରାସ୍ତା ସଫଳ କରିଥିଲେ। ତେବେ ଏପରି ଅନେକ ବୃକ୍ଷ ବିପଜ୍ଜନକ ଅବସ୍ଥାରେ ରହିଛି। ତେଣୁ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଜନସାଧାରଣଙ୍କ ମଧ୍ୟରେ ଦାବି ହେଉଛି।

## ମାଲକାନଗିରିରେ ସେରୋ ସର୍ଭେ ଆରମ୍ଭ

ମାଲକାନଗିରି,୬।୧୦(ଡି.ଏନ୍.ଏ.)


ମେଡିକାଲ ଟିମ୍ ରକ୍ତ ନମୁନା ସଂଗ୍ରହ କରୁଛନ୍ତି।

ମାଲକାନଗିରି ପୌରାଞ୍ଚଳର ୧୯ଟି ୱାର୍ଡରେ ମଙ୍ଗଳବାରଠାରୁ ସେରୋଲୋଜିକାଲ୍ ସର୍ଭେ ଆରମ୍ଭ ହୋଇଛି। ଆଇସିଏମ୍ଆର୍-ଆର୍ଏମ୍ଆର୍‌ସିର ୫ଜଣିଆ ଏକ ଟିମ୍ ମଙ୍ଗଳବାର ମାଲକାନଗିରି ଜିଲାରେ ପହଞ୍ଚିଛନ୍ତି। ଏହି ସର୍ଭେ ୩ଦିନ ଧରି ଚାଲିବ। ଦୈନିକ ୫୦୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯିବ। ପ୍ରଥମ ଦିନରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଲୋକଙ୍କ ନମୁନା ସଂଗ୍ରହ କରାଯାଇଛି। ଏହାଦ୍ୱାରା କେତେଜଣଙ୍କ ଶରୀରରେ ଆଣ୍ଟିବଡି(ରୋଗ ପ୍ରତିରୋଧକ ଶକ୍ତି) ସୃଷ୍ଟି ହୋଇଛି ଜାଣିହେବ। ସେହିପରି କେତେଜଣ କରୋନା ଦ୍ୱାରା ଅଜାଣତରେ ସଂକ୍ରମିତ ହୋଇ ସୁସ୍ଥ ହୋଇଛନ୍ତି, ତାହା ମଧ୍ୟ ସ୍ପଷ୍ଟ ହୋଇପାରିବ। ଜିଲାରେ କରୋନା ସଂକ୍ରମଣକୁ କିପରି ରୋକାଯାଇପାରିବ ଏବଂ ସ୍ଥିତିରେ ଶୀଘ୍ର ସୁଧାର ଆସିବ ସେ ବିଷୟରେ ଟିମ୍‌ର ବୈଜ୍ଞାନିକ ଓ ଡାକ୍ତରମାନେ ମାଲକାନଗିରି ଜିଲାପାଳ ମନୀଷ୍ ଅଗ୍ରୱାଲ, ସିଡିଏମ୍ଓ ଡାକ୍ତର ପି. କେ. ନନ୍ଦ ଏବଂ କୋଭିଡ୍ ହସ୍ପିଟାଲର ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସର୍ଭେ କାର୍ଯ୍ୟରେ ପୌରାଞ୍ଚଳବାସୀ ଟିମ୍‌କୁ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡ଼ିଛି। ୮ ତାରିଖ ପର୍ଯ୍ୟନ୍ତ ସର୍ଭେ ଚାଲିବ ଏବଂ ୯ରେ ଫଳାଫଳ ଜଣାପଡ଼ିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

- ଜିଲାରେ ଆର୍ଏମ୍ଆର୍‌ସିର ୫ଜଣିଆ ଟିମ୍
- ୩ ଦିନରେ ସଂଗ୍ରହ ହେବ ୧୫ଶହ ନମୁନା
- ୯ରେ ଜଣାପଡ଼ିବ ଫଳାଫଳ

### ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା ଅଫିସ,୬।୧୦

ରାୟଗଡ଼ା ଜିଲା ପଦ୍ମପୁର ଥାନା ପୋଲିସ ପୁସୁଗୁଡ଼ା ନିକଟ ଜଙ୍ଗଲରୁ ମଙ୍ଗଳବାର ୧୫୮.୪୮୦ କେଜି ଗଞ୍ଜେଇ ଜବତ କରିଛି। ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ସକାଳେ ପୋଲିସ ସୂଚନା ପାଇଥିଲା। ଏସ୍ଆଇ ହିରନ୍ ପ୍ରସାଦ ଭଟି ଏବଂ ପୋଲିସ କର୍ମଚାରୀମାନେ ଚଢ଼ାଉ କରି ଯାଞ୍ଚବେଳେ ଏକ କୁଡ଼ିଆ ମଧ୍ୟରେ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ଜାଣିବାକୁ ପାଇଥିଲେ। ସେଠାରୁ ୪ଟି ଗଞ୍ଜେଇ ବସ୍ତା ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ସମୀର ସିଂ ଚମ୍ପଟ ମାରିବାକୁ ଉଦ୍ୟମ କରିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଛି। ତେବେ ଏହି ଘଟଣାରେ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

### ଦୋକାନରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପୋଲସରା,୬।୧୦(ଡି.ଏନ୍.ଏ.)

ପୋଲସରା ଥାନା ମିଲ୍ ସାହି ଛକରେ ଥିବା ଏକ ଲେଡିଜ୍ କର୍ନରରୁ ସୋମବାର ରାତିରେ ପୋଲିସ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଢୋଉମାଳ ଗ୍ରାମର କୁଶ ପ୍ରଧାନ। ଲେଡିଜ୍ କର୍ନରେ କୁଶ କାମ କରୁଥିଲେ। ରାତିରେ ସେ ସହଯୋଗୀଙ୍କ ସହ ଦୋକାନରେ ଶୋଇଥିଲେ। ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଥିବା ନେଇ ଜଣେ ସହଯୋଗୀ ପୋଲିସ୍ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡ଼ିକାଲ ପଠାଇଛି। ଏ ନେଇ ନଂ.୨୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## କ୍ଷେତ୍ର ପୋଖରୀ ପ୍ରଦାନରେ ଦୁର୍ନୀତି ଅଭିଯୋଗ

କୋରୁକୋଣ୍ଡା,୬।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ଜଳ ବିଭାଜିକା ଆନୁକୂଲ୍ୟରେ କୋରୁକୋଣ୍ଡା ବ୍ଲକ୍ ଜଳ ବିଭାଜିକା ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ କ୍ଷେତ୍ର ପୋଖରୀ ଖୋଳା ଏବଂ ପ୍ରଦାନରେ ଦୁର୍ନୀତି କରାଯାଇଥିବା କୋରୁକୋଣ୍ଡା ବ୍ଲକ୍ ଜୋନାଲ୍ କଂଗ୍ରେସ କମିଟି ମଙ୍ଗଳବାର ଅଭିଯୋଗ କରିଛି। ଏ ନେଇ କମିଟିର ସଭାପତି ବିନାୟକ ପାତ୍ର ଏକ ପ୍ରେସ୍ ବିବୃତି ଜାରି କରିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ କ୍ଷେତ୍ର ପୋଖରୀ ଦିଆ ନ ଯାଇ ଆଯୋଗ୍ୟ ହିତାଧିକାରୀଙ୍କୁ ପୋଖରୀ ଦିଆଯାଇଛି। କ୍ଷେତ୍ର ପୋଖରୀ ଖୋଳା କାର୍ଯ୍ୟ ମଧ୍ୟ ନିମ୍ନମାନର ତଥା ମାପରେ ବ୍ୟତିକ୍ରମ ଏବଂ ଡବ୍ଲ୍ୟୁଟିଏଫ୍ ବାବଦରେ ହିତାଧିକାରୀଙ୍କଠାରୁ ଅଧିକ ଟଙ୍କା ଆଦାୟ କରାଯାଉଥିବା ଏଥିରେ ଉଲ୍ଲେଖ ରହିଛି। ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ସଭାପତି ପାତ୍ର ଏଥିରେ ଦାବି କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି।

## ଉନ୍ନତ ସ୍ୱାସ୍ଥ୍ୟସେବା ନେଇ ସିଡିଏମ୍ଓଙ୍କୁ ଦାବିପତ୍ର

କୋରାପୁଟ,୬।୧୦,(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଅଞ୍ଚଳରେ ଥିବା ୪ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ସୋମବାର ବ୍ଲକ ପବ୍ଲିକ ରାଇଟ୍ସ ଆସୋସିଏଶନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆସୋସିଏଶନର ବ୍ଲକ ସଭାପତି ତେଜେଶ୍ୱର ପାତ୍ର ନେତୃତ୍ୱ ନେଇଥିଲେ। ୪ଟି ସର୍କଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ରହିବା ସହ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ, ସେମାନଙ୍କୁ ଆବଶ୍ୟକ ସେବା ପ୍ରଦାନ ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ଦିଗରେ ସେ ଦୃଷ୍ଟି ଦେବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବେଉରା ଆସୋସିଏଶନ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ସାଧାରଣ ସମ୍ପାଦକ ନୃପେନ୍ଦ୍ର ନାରାୟଣ ବାଘ, ଜିଲା ସମ୍ପାଦକ କର୍ପୂର ହନ୍ତାଲ, ଜିଲା ମହିଳା ମୋର୍ଚ୍ଚାର ସମ୍ପାଦିକା ନର୍ମଦା ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ୨୮ଖଣ୍ଡ ବିଜା ପଟା ଜବତ, ୨ଗିରଫ

ମୁନିଗୁଡ଼ା,୬।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ହରିଶ୍ଚନ୍ଦ୍ର ମାର୍ଥାଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ତେଲେଙ୍ଗାପଦର ଛକ ନିକଟରେ ଏକ ମିନି ଭ୍ୟାନ୍ (ଓଡି-୧୮ବି-୮୭୧୧)କୁ ସନ୍ଦେହରେ ଅଟକାଇଥିଲା। ଯାଞ୍ଚବେଳେ ସେଥିରେ ୨୮ଖଣ୍ଡ ବିଜା ପଟା ରହିଥିବା ଜଣାପଡ଼ିଥିଲା। ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାତ୍ରାଗୁ ଗ୍ରାମର ଭ୍ୟାନ୍ ଚାଳକ ପିଙ୍କୁ କୁସୁଲିଆ ଏବଂ ଗୋତିଗୁଡ଼ା ଗ୍ରାମର ସହଯୋଗୀ କାପୁର କୁସୁଲିଆ। ସୂଚନା ଅନୁଯାୟୀ, କାଠପଟାଗୁଡ଼ିକ ଶରଧାପୁର ଅଞ୍ଚଳ ଖମ୍ବାରିଗୁଡ଼ା ଗ୍ରାମରୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ କିଏ ଏବଂ କେଉଁଠାକୁ ଚାଲାଣ କରୁଥିଲା ସେ ବିଷୟରେ ତଦନ୍ତ ଜାରି ରହିଛି। ଜବତ ପଟାର ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ନେଇ ବିଭାଗ ପକ୍ଷରୁ ୧୭୪/୨୦ରେ ଏକ ମାମଲା ରୁଜୁ କରାଯାଇ ୨ ସମ୍ପୃକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ରେଞ୍ଜର ପ୍ରସନ୍ନ କୁମାର ମିଶ୍ର କହିଛନ୍ତି ।


ଜବତ କାଠପଟା ଓ ଗିରଫ ୨ ଅଭିଯୁକ୍ତ।

# ପୁନଃ ନିଯୁକ୍ତି ଦାବିରେ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

ନବରଙ୍ଗପୁର,୬।୧୦(ବି.ପ୍ର.)

ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ନବରଙ୍ଗପୁର ଜିଲାର ଛଟେଇ ହୋଇଥିବା ସ୍ୱାସ୍ଥ୍ୟକର୍ମୀମାନେ ପୁଣି ଥରେ ଧାରଣା ଦେଇଛନ୍ତି। ପୁନଃ ନିଯୁକ୍ତି ନ ମିଳିବା ଯାଏ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ସେମାନେ କହିଛନ୍ତି।

**କଥା ରଖିଲାନି ପ୍ରଶାସନ**

ପ୍ରକାଶ ଯେ, ରାଜ୍ୟ ସରକାର ଓ ଜିଲା ପ୍ରଶାସନ କରୋନା ମୁକାବିଲା ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେଇଥିଲେ। ଲକ୍‌ଡାଉନ ହଟିବା ପରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ଉଠାଇ ଦିଆଗଲା। ଏଥିରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ଛଟେଇ କରାଯାଇଛି। ଏହାକୁ ବିରୋଧ କରି ଛଟେଇ ହୋଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ଗତ ସେପ୍ଟେମ୍ବର ୨୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସିଡିଏମ୍ଓ ଚୌଧୁରୀ ଶୋଭାରାଣୀ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କୋଭିଡ୍-୧୯ରେ ଜିଲାର ୧୬୯ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବକେୟା ଦରମା ୨୮ ତାରିଖ ସୁଦ୍ଧା ପ୍ରଦାନ, ବିଭାଗୀୟ ନିର୍ଦ୍ଦେଶ ଅନୁଯାଇ ଛଟେଇ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପ୍ରତିଶ୍ରୁତି ପରେ ସ୍ୱାସ୍ଥ୍ୟକର୍ମୀମାନେ ଧାରଣାରୁ ହଟିଥିଲେ। ପ୍ରତିଶ୍ରୁତି ପାଳନ ହୋଇ ନ ଥିବାରୁ ମଙ୍ଗଳବାର ପୁନଃ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନରେ ସବିତା ପାଠୀ, ଡଲି ରାୟ, ଏସ. ସନ୍ତୋଷୀ ଦୋରା, ସଙ୍ଗୀତା ନାୟକ, ସୁଭଦ୍ରା ସାହୁ, ମନସ୍ୱିତୀ ଗେଡ, ସୁମନ ସ୍ମିତା ନାଗ, ସୁନିତା ନାୟକ, ସରିତା ମହାରଣା, ସବିତା ପାଢ଼ୀ, ସୁଷମା ଜାନୀ, ସବିତା ମୁଦୁଲି, ପାର୍ବତୀ ପନକା ପ୍ରମୁଖଙ୍କ ସହ ଶତାଧିକ ଏଏନ୍ଏମ୍, ସ୍ୱାସ୍ଥ୍ୟ କର୍ମୀ ଧାରଣାରେ ସାମିଲ ହୋଇଛନ୍ତି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲାର ୧୯୬ ଅସ୍ଥାୟୀ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ମାସ ପାଇଁ ୧୯୬ ଜଣ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଥିଲେ । ୩୯ ଦିନ ପରେ ସେମାନଙ୍କୁ ଚାକିରୀରୁ ଛଟେଇ କରି ଦିଆଯାଇଥିଲା। ଭିଜପା ଓ କଂଗ୍ରେସ ଏହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି।



ଧାରଣାରେ ସାମିଲ ହୋଇଥିବା ସ୍ୱାସ୍ଥ୍ୟକର୍ମୀମାନେ।

